بسم الله الرحمن الرحيم

୨୬ ଅପ୍ରେଲ ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ହଜରତ ମହମ୍ମଦ ସ.ଆଙ୍କ ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବା କରାମ ରିଜୱାନୁଲ୍ଲାଃ ଆଲୈହିମ୍ ୱ ଅଜ୍‌ମଈନ୍‌ଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନୱର ଅ.ବ କହିଲେ- ଗତ ଖୁତବାରେ ମୁଁ ହଜରତ ଉସମାନ ବିନ୍ ମଜଉନ୍‌ଙ୍କ ସମ୍ବନ୍ଧରେ ଚର୍ଚ୍ଚା କରି ଏହି କଥାରେ ଶେଷ କରିଥିଲି କି ସେ ପ୍ରଥମ ବ୍ୟକ୍ତି ଥିଲେ ଯାହାଙ୍କୁ ଜନ୍ନତୁଲ୍ ବକିରେ କବର ଦିଆଯାଇଥିଲା ।

ଜନ୍ନତୁଲ୍ ବକି ସମ୍ବନ୍ଧରେ ଉଲ୍ଲେଖ ରହିଛି କି ହଜରତ ମହମ୍ମଦ ସ.ଅଙ୍କ ମଦିନା ଆଗମନ ପରେ ସେଠାରେ ଅନେକ କବରସ୍ଥାନ ରହିଥିଲା । ସେତେବେଳେ ଯେହେତୁ ପବିତ୍ର ମଦିନା ସହର ବିଭିନ୍ନ ଅଂଚଳରେ (ବିଭିନ୍ନ ଗୋଷ୍ଠୀ ସମୁହରେ) ବିଭକ୍ତ ହୋଇ ରହିଥିଲା । ବସ୍ତୁତଃ ପ୍ରତ୍ୟେକ ଗୋଷ୍ଠୀ ନିଜ ନିଜ ଅଂଚଳର ବିସ୍ତିର୍ଣ୍ଣ ପଡ଼ିଆରେ ନିଜ ମୃତ୍ୟକଙ୍କୁ କବର ଦେଉଥିଲେ । କବାର ଅଲଗା କବରସ୍ଥାନ ଥିଲା ଯାହାକି ବେଶ୍ ପ୍ରସିଦ୍ଧ ଥିଲା, ଯଦିଓ ସେଠାରେ ଆହୁରି ଅନେକ ଛୋଟ ଛୋଟ କବରସ୍ଥାନ ମଧ୍ୟ ରହିଥିଲା ଯେପରିକି କବିଲା ବନୁ ଜଫର୍‌ର ନିଜସ୍ୱ କବରସ୍ଥାନ, ବନୁ ସଲମାଙ୍କର ନିଜସ୍ୱ କବରସ୍ଥାନ ଥିଲା ତଥା ଅନ୍ୟ କବରସ୍ଥାନ ମଧ୍ୟରେ ବନୁ ସାଆଦାଃର କବରସ୍ଥାନ ମଧ୍ୟ ରହିଥିଲା, ଯେଉଁସ୍ଥାନରେ ପରବର୍ତୀ ସମୟରେ ସୁକେ ନବୀ ପ୍ରତିଷ୍ଠା ହେଲା ଯେଉଁଠାରେ ମସଜିଦ୍ ନବୀ ନିର୍ମାଣ ହେଲା ସେଠାରେ ମଧ୍ୟ ଖଜୁର ଗଛ ସହିତ କେତେକ ଅମାନ୍ୟକାରୀଙ୍କ କବର ରହିଥିଲା । ସେ ସମସ୍ତ କବରସ୍ଥାନ ମଧ୍ୟରେ ବକିଉଲ୍ ଗରକଦ୍ ସବୁଠାରୁ ପ୍ରସିଦ୍ଧ କବରସ୍ଥାନ ଥିଲା । ଯେତେବେଳେ ହଜୁର ସ.ଅ ତାହାକୁ ମୁସଲମାନମାନଙ୍କ ନିମନ୍ତେ ଚୟନ କଲେ ସେବେଠାରୁ ଆଜି ପର୍ଯ୍ୟନ୍ତ ତାହା ଏକ ଅନନ୍ୟ ଓ ସୁପ୍ରସିଦ୍ଧ କବରସ୍ଥାନ ରୂପେ ବିବେଚିତ ହୋଇଛି ଏବଂ ସଦାସର୍ବଦା ରହିବ ।

ହଜରତ ଅବିଦୁଲ୍ଲା ବିନ୍ ଅବି ରାଫେ ବର୍ଣ୍ଣନା କରନ୍ତି ହଜୁର ସ.ଅ (ମୁସଲମାନମାନଙ୍କ ଅନ୍ତ୍ୟେଷ୍ଟି କ୍ରିୟା) ନିମନ୍ତେ ଏକ ଜମି ଖୋଜୁଥିଲେ ଯେଉଁସ୍ଥଳେ କେବଳ ମୁସଲମାନମାନଙ୍କୁ କବର ଦିଆଯିବ ଏବଂ ଏହି ଉଦ୍ଦେଶ୍ୟରେ ହଜୁର ସ.ଅ ଅନେକ ସ୍ଥାନ ପରିଦର୍ଶନ ମଧ୍ୟ କରିଥିଲେ କିନ୍ତୁ ଏହି ମର୍ଯ୍ୟାଦା ବକିଉଲ୍ ଗରକଦ୍ ଭାଗରେ ଲେଖାଥିଲା । ସର୍ବଶ୍ରେଷ୍ଠ ବାର୍ତାବହ ହଜରତ ମହମ୍ମଦ ସ.ଅ କହିଲେ ମୋତେ ଏହି ସ୍ଥାନକୁ (କବରସ୍ଥାନ ପାଇଁ) ଚୟନ କରିବାକୁ ଆଦେଶ ଦିଆଯାଇଛି । ସର୍ବପ୍ରଥମେ ସେଠାରେ ହଜରତ ଉସମାନ୍ ବିନ୍ ମଜଉନ୍‌ଙ୍କୁ କବର ଦିଆଯାଇଥିଲା । ହଜୁର ସ.ଅ ତାଙ୍କ ମୁଣ୍ଡ ପାଖରେ ଏକ ଶିଳା ଖଣ୍ଡ ଚିହ୍ନଟ ନିମନ୍ତେ ରଖିଦେଲେ ଏବଂ କହିଲେ ଏ ଆମ **ପେଶରୋ** (ଆଗ ଚାଲିଯିବା) ଅଟନ୍ତି । ତାଙ୍କ ଅନ୍ତେ ଯେ କେହି ମୃତ୍ୟୁବରଣ କରୁଥିଲା ଲୋକେ ହଜୁର ସ.ଅଙ୍କୁ ପଚାରିଥିଲେ କି ଅମକକୁ କେଉଁଠାରେ କବର ଦିଆଯିବ ସେତେବେଳେ ହଜୁର ଉତର ଦେଉଥିଲେ କି ଆମ ପେଶରୋ ଉସମାନ୍ ବିନ୍ ଉଜଉନ୍‌ଙ୍କ ନିକଟରେ କବର ଦିଅ । ଆରବି ଶବ୍ଦ **ବକି**ର ଅର୍ଥ ଏଭଳି ସ୍ଥାନ ଯେଉଁଠାରେ ବହୁଳ ପରିମାଣରେ ବୃକ୍ଷଲତା ରହିଥିବ । ପବିତ୍ର ମଦିନା ସହର ବକିଉଲ୍ ଗରକଦ୍ ନାମରେ ଖ୍ୟାତି ଅର୍ଜନ କରିବାକୁ ଲାଗିଲା କାରଣ ସେଠାରେ ବହୁଳ ମାତ୍ରାରେ ଗରକଦ୍ ବୃକ୍ଷ ରହିଥିଲା । ଏତତ୍ ବ୍ୟତୀତ ସେଠାରେ ଅନ୍ୟାନ୍ୟ ବୃକ୍ଷ ଓ ମରୁଲତାମାନ ବହୁ ମାତ୍ରରେ ରହିଥିଲା । ତେଣୁ ତାହା ଜନ୍ନତୁଲ୍ ବକି ନାମରେ ମଧ୍ୟ ଅଭିହିତ ହୋଇଗଲା । ହଜରତ ସାଲମ୍ ବିନ୍ ଅବଦୁଲ୍ଲାଃ ନିଜ ପିତାଙ୍କ ଠାରୁ ରିୱାୟତ କରନ୍ତି ଯେତେବେଳେ କୌଣସି ବ୍ୟକ୍ତିଙ୍କର ଦେହାନ୍ତ ଘଟୁଥିଲା, ହଜୁର ସ.ଅ କହୁଥିଲେ ତାହାକୁ ନେଇ ଆମ ପୂର୍ବରୁ ଚାଲିଯାଇଥିବାଙ୍କ ମଧ୍ୟରେ କବର ଦିଅ । ଉସମାନ୍ ବିନ୍ ଉଜଉନ୍ ମୋ ସମ୍ପ୍ରଦାୟର କି ସୁନ୍ଦର ପେଶରୋ ଅଟନ୍ତି । ହଜରତ ଇବନେ ଅବ୍‌ବାସ ବର୍ଣ୍ଣନା କରନ୍ତି ଯେତେବେଳେ ହଜରତ ଉସମାନଙ୍କର ଦେହାନ୍ତ ଘଟିଲା ହଜୁର ସ.ଅ ତାଙ୍କ ମରଶରୀର ନିକଟକୁ ଗଲେ ଏବଂ ତାଙ୍କ ଆଡ଼କୁ ତିନି ଥର ନଇପଡ଼ି ନିଜ ମସ୍ତକ ଉଠାଇଲେ ଏବଂ ଉଚ୍ଚ ଶ୍ୱରରେ କହିଲେ ହେ ଅବୁ ସାଏବ ! ଅଲ୍ଲାଃ ତୁମ ସହ କ୍ଷମା ଆଚରଣ କରନ୍ତୁ ତୁମେ ସଂସାରରୁ ଏଭଳି

ଅବସ୍ଥାରେ ବିଦାୟ ନେଲ ଯେ, **ସଂସାରର କୌଣସି ବସ୍ତୁ ତୁମକୁ ମଳିନ କରିପାରିଲା ନାହିଁ ।**

ହଜରତ ଆଏଶା ର.ଅ ବର୍ଣ୍ଣନା କରନ୍ତି ହଜୁର ସ.ଅ ହଜରତ ମସମାନ୍ ବିନ୍ ଉଜଉନ୍ଙ୍କ ମରଶରୀରକୁ ଚୁମ୍ବନ କଲେ ଏବଂ ଆପଣଙ୍କ ଉଭୟ ଚକ୍ଷୁ ଲୋତକରେ ପରିପୂର୍ଣ୍ଣ ଥିଲା । ହଜରତ ଆଏଶା ଆହୁରି କୁହନ୍ତି କି ମୁଁ ଦେଖିବାକୁ ପାଇଲି କି ହଜୁର ସ.ଅଙ୍କ ଅଶ୍ରୁ ହଜରତ ଉସମାନ୍ ବିନ୍ ମଜଉନ୍ଙ୍କ ଗାଲରେ ପଡ଼ି ବହିଚାଲିଥିଲା । ଯେତେବେଳେ ହଜୁର ସ.ଅଙ୍କ ପୁତ୍ର ହଜରତ ଇବ୍ରାହିମଙ୍କର ଦେହାନ୍ତ ଘଟିଲା ସେତେବେଳେ ହଜୁର ସ.ଅ କହିଲେ **ଅଲହକ୍ ବିଲ୍‌ସଲଫେ ସାଲେହ୍ ଉସମାନ୍ ବିନ୍ ମଜଉନ୍** ଅର୍ଥାତ ସଲଫେ ସାଲେହ୍ ଉସମାନ୍ ବିନ୍ ମଜଉନ୍ଙ୍କ ସହ ଯାଇ ମିଳିତ ହୋଇଯାଅ । ହଜରତ ଉସମାନ୍ ବିନ୍ ଅଫାନ୍ ବର୍ଣ୍ଣନା କରନ୍ତି ନବୀ କରିମ୍ ସ.ଅ ହଜରତ ଉସମାନ୍ ବିନ୍ ମଜଉନ୍ଙ୍କ ନମାଜ ଜନାଯାଃ ପାଠ କଲେ ଏବଂ ଚାରି ଗୋଟି ତକବିର କହିଲେ । ମୁତଲିବ୍ ବର୍ଣ୍ଣନା କରିଛନ୍ତି ଯେତେବେଳେ ହଜରତ ଉସମାନ୍ ବିନ୍ ମଜଉନ୍ଙ୍କର ଦେହାନ୍ତ ଘଟିଲା ଏବଂ ତାଙ୍କର ଜନାଯାଃ ବାହାରିଲା ତଥା ତାଙ୍କୁ କବର ଦିଆଗଲା ସେତେବେଳେ ହଜୁର ସ.ଅ ଜଣେ ବ୍ୟକ୍ତିଙ୍କୁ ଆଦେଶ ଦେଲେ ଗୋଟିଏ ଶିଳା ଖଣ୍ଡ ନେଇଆସ । ଉକ୍ତ ବ୍ୟକ୍ତି ଜଣକ ଶିଳାକୁ ଉଠାଇ ପାରିଲା ନାହିଁ । ବସ୍ତୁତଃ ହଜୁର ସ.ଅ ତାହା ଆଡ଼କୁ ଯାଇ ନିଜର ଦୁଇ ହସ୍ତରୁ ବସ୍ତ୍ର ଉପରକୁ ଉଠାଇଲେ ଏବଂ ସ୍ୱୟଂ ସେହି ପ୍ରସ୍ତରକୁ ଉଠାଇ ଆଣି ହଜରତ ଉସମାନ୍ ବିନ୍ ମଜଉନ୍ଙ୍କ ମସ୍ତକ ପାର୍ଶ୍ୱରେ ପୋତିଦେଲେ ଏବଂ କହିଲେ ମୁଁ ଏହି ଚିହ୍ନ ମାଧ୍ୟମରେ ନିଜ ଭାଇର କବର ଚିହ୍ନି ନେବି ଏବଂ ମୋ ପରିବାରବର୍ଗଙ୍କ ମଧ୍ୟରୁ ଯାହାଙ୍କର ଦେହାନ୍ତ ଘଟିବ ତାଙ୍କୁ ଆଣି ମୁଁ ଆଙ୍କ ନିକଟରେ କବର ଦେବି ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମିର୍ଜା ବଶିରୁଦ୍ଦିନ ସାହେବ ହଜରତ ଉସମାନ୍ ବିନ୍ ମଜଉନ୍ଙ୍କ ଦେହାନ୍ତ ସମ୍ବନ୍ଧରେ ବିସ୍ତାର ଚର୍ଚ୍ଚା କରିଛନ୍ତି । ସେଥିମଧ୍ୟରୁ କିଛି କଥନ ଉପସ୍ଥାପନ କରୁଅଛି । ଆପଣ କୁହନ୍ତି ୨ ହିଜରୀର ଶେଷ ଭାଗରେ ହଜୁର ସ.ଅ ନିଜ ସାହାବାଙ୍କ ନିମନ୍ତେ ଏକ କବରସ୍ତାନର ଚୟନ କଲେ ଜାହା ଜନ୍ନତୁଲ୍ ବକି ନାମରେ ସୁପ୍ରସିଦ୍ଧ । ଏଥିଅନ୍ତେ ସାଧାରଣତଃ ସାହାବାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଉକ୍ତ କବରସ୍ତାନରେ ହିଁ ସମ୍ପାଦିତ ହେଉଥିଲା । ସର୍ବପ୍ରଥମ ସାହାବା ହଜରତ ଉସମାନ୍ ବିନ୍ ମଜଉନ୍ ଥିଲେ ଯାହାଙ୍କୁ ଏହି କବରସ୍ତାନରେ କବର ଦିଆଯାଇଥିଲା । ଉସମାନ୍ (ଇସଲାମର)ପ୍ରଥମ ଚରଣର ମୁସଲମାନ ଥିଲେ, ସେ ଜଣେ ପୁଣ୍ୟବାନ, ଉପାସନାକାରୀ ଓ ସନ୍ଥ ସ୍ୱଭାବ ବ୍ୟକ୍ତି ଥିଲେ । ମସୁଲମାନ ହେବା ଅନ୍ତେ ଏକଦା ସେ ହଜୁର ସ.ଅଙ୍କୁ କହିଲେ- ହଜୁର ମୋତେ ଅନୁମତି ପ୍ରଦାନ କରନ୍ତୁ କି ମୁଁ ସଂସାର ବୈରାଗୀ ହୋଇ ନିଜ ସ୍ତ୍ରୀପିଲାଙ୍କୁ ଛାଡ଼ି ନିଜ ସମ୍ପୂର୍ଣ୍ଣ ଜୀବନ କେବଳ ଅଲ୍ଲାଃଙ୍କ ଉପାସନା ନିମନ୍ତେ ଉତ୍ସର୍ଗ କରିଦେବି କିନ୍ତୁ ହଜୁର ତାଙ୍କୁ ଏହାର ଅନୁମତି ପ୍ରଦାନ କଲେ ନାହିଁ । ସେଯାହା ହେଉ ଉସମାନ୍ ବିନ୍ ମଜଉନ୍ଙ୍କ ଦେହାନ୍ତରେ ହଜୁର ସ.ଅଙ୍କୁ ବେଶ୍ ଆଘାତ ଲାଗିଥିଲା ଏବଂ ବର୍ଣ୍ଣିତ ଅଛି କି ଆପଣ ତାଙ୍କ ମଥାକୁ ଚୁମ୍ବନ କଲେ ସେତେବେଳେ ଆପଣଙ୍କ ଚକ୍ଷୁ ଅଶ୍ରୁ ଭରା ରହିଥିଲା । ତାଙ୍କ ଚିହ୍ନଟ ନିମନ୍ତେ ହଜୁର ତାଙ୍କ କବରର ମୁଣ୍ଡ ପାର୍ଶ୍ୱରେ ଏକ ଶିଳା ପୋତିଦେଲେ । ମଝିରେ ମଝିରେ ହଜୁର ଜନ୍ନତୁଲ୍ ବକି ଯାଇ ତାଙ୍କ ପାଇଁ ଦୁଆ ମଧ୍ୟ କରୁଥିଲେ । ଉସମାନ ପ୍ରଥମ ପ୍ରବାସକାରୀ ସାହାବା ଥିଲେ ଯେ ମଦିନାରେ ମୃତ୍ୟୁ ବରଣ କରିଥିଲେ ।

ହଜରତ ଉସମାନ୍ ବିନ୍ ମଜଉନ୍ଙ୍କ ଦେହାବସାନ ଅନ୍ତେ ତାଙ୍କର ପତ୍ନୀ କବିତା ରଚନା କରିଥିଲେ ଯାହାର ଅନୁବାଦ ଏପରି ଅଟେ କି ହେ ଚକ୍ଷୁ ! ଉସମାନର ଚାଲିଯିବା ଦୁଃଖରେ ତୁ ଅବାଧ ଓ ଅବିରତ ଅଶ୍ରୁ ବୁହା । ସେହି ବ୍ୟକ୍ତିର ଚାଲିଯିବାରେ ଯେ ନିଜ ସୃଷ୍ଟିକର୍ତାର ପ୍ରସନ୍ନତା ଲାଭ କରିବା ନିମନ୍ତେ ଅହରାତ୍ର ବ୍ୟତୀତ କରୁଥିଲା, ଏଥିନିମନ୍ତେ (ତୁମ) ପାଇଁ ଶୁଭ ଖବର କି ଜଣେ ଅନନ୍ୟ ବ୍ୟକ୍ତିତ୍ୱର ଅନ୍ତ୍ୟେଷ୍ଟି କ୍ରିୟା ସମାପ୍ତ ହୋଇଯାଇଛି । ବକି ଓ ଗରକଦ୍ ନିଜର ଏହି ଅଧିବାସୀଙ୍କ ଯୋଗୁଁ ପବିତ୍ର ହୋଇଗଲା । ସେହି ମାଟି ଆପଣଙ୍କୁ କବର ଦେବା ଫଳରେ ଉଜ୍ୱଳିତ ହୋଇଗଲା । ଆପଣଙ୍କ ଦେହାନ୍ତ ଫଳରେ ହୃଦୟ ଏଭଳି ବ୍ୟଥିତ ଯେ ମୃତ୍ୟୁ ପର୍ଯ୍ୟନ୍ତ ଶାନ୍ତ ହେବ ନାହିଁ ଏବଂ ମୋର ଏହି ଅବସ୍ଥା ଅନ୍ତିମ ସମୟ ପର୍ଯ୍ୟନ୍ତ ଅପରିବର୍ତୀତ ରହିବ ।

ହଜରତ ଉମ୍ମେ ଆଲା କୁହନ୍ତି ମୁଁ ହଜୁର ସ.ଅଙ୍କ ସମ୍ମୁଖରେ ଏହି ସାକ୍ଷୀ ଦେଲି କି ହେ ଅବୁ ସାଏବ ତୁମ ଉପରେ ଅଲ୍ଲାଃଙ୍କ ଦୟା ବର୍ଷଣ ହେଉ । ଅଲ୍ଲାଃ ତୁମକୁ ସୁନିଶ୍ଚିତ ବୈକୁଣ୍ଠରେ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଏଥିରେ ହଜୁର ସ.ଅ କହିଲେ ଯେଉଁପର୍ଯ୍ୟନ୍ତ ଉସମାନର କଥା ରହିଛି ତେବେ ତାଙ୍କର ତ ଦେହାନ୍ତ ଘଟିସାରିଛି ଏବଂ ମୁଁ ତାଙ୍କ ସଦ୍‌ଗତି କାମନା କରୁଅଛି ଏବଂ ଆଶା କରୁଛି କି ଅଲ୍ଲାଃତାଲା ନିଶ୍ଚିତ ତାଙ୍କୁ ମର୍ଯ୍ୟାଦା ପ୍ରଦାନ କରିବେ କିନ୍ତୁ ଅଲ୍ଲାଃଙ୍କ ରାଣ ! ମୋତେ ମଧ୍ୟ ଜଣା ନାହିଁ

କି ଉସମାନ ସହ କିଭଳି ଆଚରଣ ହେବ । ଦୁଆ ତ କରୁଅଛି କିନ୍ତୁ ଏହା କହିପାରିବି ନାହିଁ କି ତାଙ୍କୁ ନିଶ୍ଚିତ ରୂପେ ମର୍ଯ୍ୟାଦା ପ୍ରଦାନ କରାଯାଇଛି, ଯଦିଚ ମୁଁ ଅଲ୍ଲାଃଙ୍କ ରସୁଲ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଏହା ମଧ୍ୟ ହଜରତ ମହମ୍ମଦ ସ.ଅଙ୍କ ପ୍ରଶିକ୍ଷଣର ଏକ ଶୈଳୀ ଥିଲା କି ଅଲ୍ଲାଃତାଲା କ୍ଷମା ପ୍ରଦାନ କରିଥିବାର ଏଭଳି ସାକ୍ଷୀ ଦିଅ ନାହିଁ । ହଁ ଯେତେବେଳେ (ଦିବ୍ୟ ସ୍ୱପ୍ନରେ) ହଜରତ ଉସମାନ ବିନ୍ ମଜଉନ୍‌ଙ୍କୁ ଉର୍ଦ୍ଧୋଚ୍ଚ ସ୍ତରର ଅମଲର ଏକ ଝରଣା ଆକାରରେ ହଜରତ ଉମ୍ମେ ଆଲାଙ୍କୁ ଦେଖାଗଲା ସେତେବେଳେ ହଜୁର ସ.ଅ ଉକ୍ତ ସାକ୍ଷ୍ୟରେ ସହମତି ପ୍ରକାଶ କରିଥିଲେ । ନଚେତ୍ ହଜୁର ସ.ଅ ତ ଜାଣିଥିଲେ କି ସମସ୍ତ ବଦରୀ ସାହାବାମାନଙ୍କ ଉପରେ ଅଲ୍ଲାଃତାଲା ପ୍ରସନ୍ନିତ ଏବଂ ହଜୁର ସ.ଅଙ୍କ ଦୁଆ ତଥା ତାଙ୍କ ସହ ହଜୁର ସ.ଅଙ୍କର ଯେଉଁ ଆଚରଣ ଥିଲା ତାହା ସ୍ପଷ୍ଟ ପ୍ରକାଶ କରୁଥିଲା, ତଥା ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା କି ଅଲ୍ଲାଃ ନିଶ୍ଚିତ ରୂପେ ଆପଣଙ୍କ ଦୁଆ ସ୍ୱୀକାର କରିବେ ଏବଂ (ଅଲ୍ଲାଃ) ତାଙ୍କୁ ନିଜ ନିକଟରେ ସ୍ଥାନ ଦେବେ ଏହା ସତ୍ତ୍ୱେ ହଜୁର ସ.ଅ କହିଲେ କି ତୁମେ କୌଣସି ମାମଲାରେ ଏପରି ସାକ୍ଷୀ ଦେଇପାରିବ ନାହିଁ ।

ମସନଦ୍ ଅହମଦ ବିନ୍ ହମ୍ବଲରେ ଏହି ବିଷୟ ଏଭଳି ବର୍ଣ୍ଣିତ ଅଛି କି ଖାରଜାଃ ବିନ୍ ଜୈଦ୍ ନିଜ ମାତଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି କି ସେ କହିଲେ ହଜରତ ଉସମାନ ବିନ୍ ମଜଉନ୍‌ଙ୍କର ଯେତେବେଳେ ଦେହାନ୍ତ ଘଟିଲା ସେତେବେଳେ ଖାରଜାଃ ବିନ୍ ଜୈଦ୍‌ଙ୍କ ମାତା କହିଲେ ହେ ଅବୁ ସାଏବ ! ତୁମେ ପବିତ୍ର ଅଟ ତୁମର ଉତମ ଦିନ ଅତ୍ୟନ୍ତ ଉତମ ଥିଲା । ହଜୁର ସ.ଅ ଏହା ଶୁଣି କହିଲେ ଏ କିଏ ? ସେ ଉତର ଦେଲେ ମୁଁ । ହଜୁର ପୁନଶ୍ଚ ପ୍ରଶ୍ନ କଲେ ତୁମକୁ ତାଙ୍କର କେଉଁ କାର୍ଯ୍ୟ ଏପରି ମତ ପ୍ରକାଶ କରିବା ପ୍ରତି ବ୍ୟାକୁଳ କଲା ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ ! ଉସମାନ ବିନ୍ ମଜଉନ୍‌ଙ୍କ ଅମଲ ଓ ତାଙ୍କ ଉପାସନା ଏଭଳି ମନୋହର ଥିଲା କି ତାହା ପ୍ରତିପାଦିତ କରୁଅଛି ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଆଚରଣ କରିଛନ୍ତି । ହଜରତ ମହମ୍ମଦ ସ.ଅ କହିଲେ ଉସମାନ ବିନ୍ ମଜଉନ୍‌ଙ୍କ ମଧ୍ୟରେ ଆମେ ଭଲଗୁଣ ବ୍ୟତୀତ ଅନ୍ୟଥା କିଛି ଦେଖି ନାହୁଁ । କିନ୍ତୁ ମନେରଖ ମୁଁ ଅଲ୍ଲାଃଙ୍କ ରସୁଲ ଅଟେ ଏବଂ ଅଲ୍ଲାଃଙ୍କ ରାଣ ମୁଁ ମଧ୍ୟ ଜାଣେ ନାହିଁ କି ମୋ ସହ କିଭଳି ଆଚରଣ କରାଯିବ । ହଜରତ ମହମ୍ମଦ ସ.ଅଙ୍କ ଠାରୁ ବଳି ତ କେହି ସୁନ୍ଦର ଉପାସନା ସମ୍ପାଦନକାରୀ ନାହାନ୍ତି । ଆପଣ ଅଲ୍ଲାଃଙ୍କ ପ୍ରିୟ କିନ୍ତୁ ଅଲ୍ଲାଃଙ୍କ ସ୍ୱତନ୍ତ୍ରତା ଓ ତାଙ୍କ ଭୟର ଏଭଳି ପ୍ରଭାବ ଥିଲା କି ନିଜ ସମ୍ବନ୍ଧରେ ମଧ୍ୟ କହିଲେ କି ମୋତେ ଜଣା ନାହିଁ କି ମୋ ସହ କିଭଳି ଆଚରଣ କରାଯିବ । ତେବେ ଏହା ଆମ୍ଭମାନଙ୍କ ନିମନ୍ତେ କିଭଳି ଭୟ କରିବା ସ୍ଥାନ ଏବଂ ଆମ୍ଭକୁ ନିଜ ପାଇଁ କିଭଳି ଚିନ୍ତା କରିବା ବିଷୟ କି ପୁଣ୍ୟ ଅର୍ଜନ କରିବା, ଅଲ୍ଲାଃଙ୍କ ଉପାସନା କରିବା, ନମ୍ରତାରେ ଆଗକୁ ବଢିଚାଲିବି, ସର୍ବଦା ଅଲ୍ଲାଃଙ୍କ ଠାରୁ ଦୟା ଓ ତାଙ୍କ କୃପା ଭିକ୍ଷା କରିଚାଲିବା କି ହେ ପ୍ରଭୁ ନିଜ ଦୟା ଓ କୃପା ବଳରେ ଆମ ସହ କ୍ଷମା ଆଚରଣ କର ।

ହଜୁର ଅନଓ୍ୱର ଅ.ବ କହିଲେ- ପରବର୍ତୀ ସାହାବୀ ଯାହାଙ୍କ ମୁଁ ଚର୍ଚ୍ଚା କରିବି ସେ ହଜରତ ୱହବ ବିନ୍ ସାଆଦ୍ ବିନ୍ ଅବି ସରହ ଅଟନ୍ତି । ତାଙ୍କ ସମ୍ପର୍କ କବିଲା ବନୁ ଆମିର ବିନ୍ ଲୁଇ ସହ ଥିଲା । ହଜରତ ୱହବଙ୍କ ଭାଇ ଅବଦୁଲ୍ଲାଃ ବିନ୍ ସାଆଦ ବିନ୍ ସରହ୍ ଓହିର ଲେଖାଳି ଥିଲେ, ଯେ ପଥଭ୍ରଷ୍ଟିତ ହୋଇଥିଲେ । ସେଥିସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଅ କୁହନ୍ତି ହଜରତ ମହମ୍ମଦ ସ.ଅଙ୍କ ଉପରେ ଯେତେବେଳେ ଐଶୀବାଣୀ ଅବତୀର୍ଣ୍ଣ ହୁଏ ସେତେବେଳେ ହଜୁର ତାଙ୍କୁ ଡ଼ାକି ତାହା ଲେଖାଇ ଦେଉଥିଲେ । ଏକଦା ଆପଣ ସୁରେ ମୁଉ୍‌ମିନୁନ୍ ପଂକ୍ତି ସଂଖ୍ୟା ୧୪/୧୫ ଲେଖାଉଥିଲେ ଯେତେବେଳେ ଆପଣ **ସୁମ୍ମା ଅନ୍‌ଶାନାହୁ ଖଲ୍‌କନ୍ ଆଖରା** ଲେଖାଇଲେ ସେତେବେଳେ ଉକ୍ତ ବ୍ୟକ୍ତି (ଲେଖାଳି) ମୁହଁରୁ ଓତୋଃପ୍ରୋତ ରୂପେ ଉଚ୍ଚାରିତ ହୋଇଗଲା **ଫତବାରକାଲ୍ଲାହୁ ଅହ୍‌ସନୁଲ୍ ଖାଲିକିନ୍** ହଜୁର ସ.ଅ ତାଙ୍କୁ କହିଲେ ଏହା ହିଁ ଓହି ଅଟେ, ତାହାକୁ ଲେଖିନିଅ । ସେ ମଣିନେଲେ କି ଯେଭଳି ମୋ ତୁଣ୍ଡରୁ ବାହାରିଥିବା କଥାକୁ ହଜୁର ସ.ଅ ଓହି କହିଦେଲେ ସେହିପରି ଆପଣ ସ୍ୱୟଂ ଏହି କୁରଆନ୍ ପ୍ରସ୍ତୁତ କରୁଛନ୍ତି । ଅତଃ ସେ ପ୍ରଥଭ୍ରଷ୍ଟ ହୋଇଗଲେ ।

ଅସିମ ବିନ୍ ଉମର ବର୍ଣ୍ଣନା କରନ୍ତି ଯେତେବେଳେ ହଜରତ ୱହବ ମକ୍କାରୁ ମଦିନା ପ୍ରବାସ କଲେ ସେତେବେଳେ ଆପଣ ହଜରତ କୁଲସୁମ୍ ବିନ୍ ହଦମଙ୍କ ଘରେ ସରଣ ନେଇଥିଲେ । ହଜୁର ସ.ଅ ହଜରତ ୱହବ ଓ ହଜରତ ସୱିଦ୍ ବିନ୍ ଉମରୋଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ସେ ଦୁହେଁ ମୌତା ଯୁଦ୍ଧ ଦିନ ବିରଗତି ପ୍ରାପ୍ତ କରିଥିଲେ । ହଜରତ

ୱହବ ବଦର, ୱହଦ, ଖନ୍ଦକ, ହୁଦେବିୟା ଓ ଖୈବର ଯୁଦ୍ଧରେ ସାମିଲ ଥିଲେ । ଶହିଦ୍ ହେବା ଦିନ ଆପଣଙ୍କ ବୟସ ୪୦ବର୍ଷ ଥିଲା । ମୌତା ଯୁଦ୍ଧ ଜମାଦି ଉଲା ୮ ହିଜୀରେ ଘଟିଥିଲା । ହଜୁର ସ.ଅ ହଜରତ ହାରିସ୍ ବିନ୍ ଅମିରଙ୍କୁ ଦୂତ ରୂପେ ବସରାର ରାଜାଙ୍କ ନିକଟକୁ ପତ୍ର ଦେଇ ପ୍ରେରଣ କରିଥିଲେ । ଯେତେବେଳେ ସେ ମୌତା ନିକଟରେ ପହଂଚିଲେ ତାଙ୍କ ବାଟ ଶର ହବିଲବିନ୍ ଉମରୋ ଗସାନି ଅବରୋଧ କରି ତାଙ୍କୁ ଶହିଦ୍ କରିଦେଇଥିଲେ । ଯେତେବେଳେ ହଜୁର ସ.ଅଙ୍କୁ ଏହାର ସୂଚନା ମିଳିଲା ଏଥିରେ ଆପଣଙ୍କୁ ବହୁତ କଷ୍ଟ ହେଲା । ଆପଣ ମୁସଲମାନମାନଙ୍କୁ ଯୁଦ୍ଧ ନିମନ୍ତେ ଡ଼ାକରା ଦେଲେ ଲୋକେ ଏକତ୍ରିତ ହେଲେ, ଯାହାଙ୍କ ସଂଖ୍ୟା ୩୦୦୦ ଥିଲା । ହଜୁର ସ.ଅ କହିଲେ ଏ ସମସ୍ତଙ୍କର ଅମିର ଜୈଦ ବିନ୍ ହାରସା ହେବେ ଏବଂ ଏକ ଧବଳ ବାନା ତିଆରି କରେଇ ତାଙ୍କ ହସ୍ତରେ ଦେଇ ଉପଦେଶ ପୂର୍ବକ କହିଲେ- ଯେଉଁସ୍ଥଳେ ହଜରତ ହାରସା ବିନ୍ ଉମେର ଶହିଦ୍ ହୋଇଛନ୍ତି ସେଠାରେ ପହଂଚି ଇସଲାମର ପ୍ରଚାର କର ଯଦି ସେଠାକାର ନିବାସୀ ତାହା ସ୍ୱୀକାର କରିନିଅନ୍ତି ତେବେ ଠିକ୍ ନଚେତ୍ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରି ତାଙ୍କ ସହ ଯୁଦ୍ଧ କର । ହଜରତ ୱହବ ମଧ୍ୟ ଏହି ଯୁଦ୍ଧରେ ସାମିଲ୍ ଥିଲେ

ଖୁତବା ଜୁମାର ଶେଷରେ ହଜୁର ଅନୱର ଅ.ବ କହିଲେ- ବର୍ତ୍ତମାନ ମୁଁ କେତେକ ମୃତକଙ୍କ ଚରିତ୍ର ଚର୍ଚ୍ଚା କରିବି ଓ ତାଙ୍କ ଜନାଯାଃ ମଧ୍ୟ ପାଠ କରିବି ।

ପ୍ରଥମ ଚର୍ଚ୍ଚା ଶ୍ରୀମାନ ମଲକ ମହମ୍ମଦ ଅକରମ ସାହେବଙ୍କର ଅଟେ । ଯେ ମୁରବୀ ସିଲସିଲା ଥିଲେ ଏବଂ ୨୫ ଅପ୍ରେଲ ଅର୍ଥାତ କାଲି ମଂଚେଷ୍ଟର ଠାରେ ତାଙ୍କର ଦେହାନ୍ତ ହେଲା । **ଇନ୍ନ ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍** । ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ କୁହନ୍ତି ମୌ. ଅକରମ ସାହେବ ଅତ୍ୟନ୍ତ ଚରିତ୍ରବାନ ଓ ଅନେକ ସୁଗୁଣର ଅଧିକାରୀ ଥିଲେ । ଅତ୍ୟନ୍ତ ପୁଣ୍ୟବନ୍ତ, ବିଶ୍ୱସ୍ତ, ନିଷ୍ପାପର ଓ ଉତ୍ସର୍ଗୀ ଅହମଦି ଥିଲେ । ପୂର୍ଣ୍ଣ ଉତ୍ସାହର ସହ ଦାୟିତ୍ୱ ସମ୍ପାଦନ କରିବା ତଥା ଖିଲାଫତ୍‌ର ଆଜ୍ଞାପାଳନ କରିବାରେ ବେଶ୍ ଉଚ୍ଚ ସ୍ତରର ସେବକ ଥିଲେ ।

ଦ୍ୱିତୀୟ ଜନାଯାଃ ଚୌଧରୀ ଅବଦୁଲ୍ ଶକୁର ସାହେବ ମୁବଲିଗ୍ ସିଲସିଲାଙ୍କର ଅଟେ । ସେ ଚୌଧରୀ ଅବଦୁଲ୍ ଅଜିଜ୍ ସାହେବଙ୍କର ସୁପୁତ୍ର ଥିଲେ । ଚଳିତ ମାସ ୧୨ ତାରିଖରେ ତାଙ୍କର ଦେହାନ୍ତ ଘଟିଲା । **ଇନ୍ନ ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍** । ପାକିସ୍ତାନର କାଏଦ ଅମୁମି ଅନସାରୁଲ୍ଲାଃ ମହମ୍ମଦ ତାହେର ସାହେବ କୁହନ୍ତି- ସେ ଅତ୍ୟନ୍ତ ନିରବତାର ସହ ସେବା ସମ୍ପାଦନକାରୀ ବ୍ୟକ୍ତି ଥିଲେ । କେବଳ ନିଜ କାର୍ଯ୍ୟରେ ମଗ୍ନ ରହୁଥିଲେ ଏବଂ ଜଣେ ମହାନ ପରାମର୍ଶଦାତା ମଧ୍ୟ ଥିଲେ । ନାଏବ ଓକିଲୁଲ୍ ତବଶିର ଶେଖ୍ ଖାଲିଦ୍ ସାହେବ କୁହନ୍ତି- ସେ ଅତ୍ୟନ୍ତ ପ୍ରଶସ୍ତ ହୃଦୟୀ ଓ ସୁଜନ ବ୍ୟକ୍ତି ତଥା ପବିତ୍ର ସ୍ୱଭାବର ଅଧିକାରୀ । ଖିଲାଫତ୍ ଓ ସିଲସିଲାର ଅତ୍ୟନ୍ତ ବିଶ୍ୱସ୍ତ ଓ ଉତ୍ସର୍ଗୀ ମଣିଷ ଥିଲେ ।

ତୃତୀୟ ଜନାଯାଃ ଶ୍ରୀମାନ ମହମ୍ମଦ ସାଲେହ ମହମ୍ମଦ ସାହେବ ମୌଲିମ୍ ୱକଫେ ଜଦିଦ୍‌ଙ୍କର ଅଟେ । ଚଳିତ ମାସ ୨୧ ତାରିଖରେ ତାଙ୍କର କାଳ ହେଲା । **ଇନ୍ନ ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍** । ତାଙ୍କ ପଡ଼ ନନା ମଲକୁଲ୍ ବଖଶ୍ ସାହେବ ହଜରତ ମସିହ ମଉଦ ଅ.ସଙ୍କର ସାହାବି ଥିଲେ । ଯେ ଚନ୍ଦ୍ର ଓ ସୂର୍ଯ୍ୟ ଗ୍ରହଣର ନିଦର୍ଶନ ଦେଖି ଲୋଧରାଁରୁ କାଦିୟାନ ଚାଲି ଚାଲି ଆସି ହଜରତ ମସିହ ମଉଦ ଅ.ସଙ୍କ ହସ୍ତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ଚତୁର୍ଥ ଜନାଯାଃ ତାଞ୍ଜାନିୟାର ଶ୍ରୀମାନ ମୌଏଶେ ଜୁମା ସାହେବଙ୍କର ଅଟେ । ସେ ମାର୍ଚ୍ଚ ମାସ ୧୩ ତାରିଖରେ ମୃତ୍ୟୁ ବରଣ କରିଥିଲେ । **ଇନ୍ନ ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍** । ଖିଲାଫତ୍‌ର ପାଗଳ ପ୍ରେମି, ମୁବଲିଗ୍ ଓ ଜମାଅତର କର୍ମକର୍ତ୍ତାଙ୍କୁ ଅତି ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନକାରୀ ମଣିଷ ଥିଲେ । ଜମାଅତର ବ୍ୟବସ୍ଥାର ଆଜ୍ଞାକାରୀ, ପ୍ରଚାର କାର୍ଯ୍ୟରେ ଅତି ଆଗ୍ରହ ଓ ଉତ୍ସାହର ସହ ଯୋଗଦାନକାରୀ ବ୍ୟକ୍ତି ଥିଲେ । ଚାନ୍ଦା ଦେବାରେ ସମସ୍ତଙ୍କ ଆଗରେ ରହୁଥିଲେ । ଅଲ୍ଲାଃତାଲା ଏମାନଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗମୀ କରନ୍ତୁ ।